Business Standard
CAMPUS TALK
BS PROMOTIONS

# PRCI AND BGU HOLD NATIONAL CONCLAVE ON PUBLIC RELATIONS

Bhubaneswar: The Public Relations Council of India in collaboration with Birla School of Communication organised a national conclave on the theme "Redefining Public Relations in the Changing Environment". The event commenced with the ceremonial lighting of the lamp and the BGU Anthem (Kulgeet), setting a tone of reverence and anticipation for the proceedings that followed. Dr Ashok Kumar Panda, Chairman of PRCI and Convener of the National Conclave, delivered an insightful welcome address, providing an overview of the agenda and highlighting the significance of the conclave in furthering PRCI's mission The Chief Guest, Prof P P Mathur, Vice Chancellor of BGU, delivered a thought-provoking address, reflecting on the intersection of education, communication, and public relations. Mr R N Mahapatra, Sr Executive President of PRCI, shared his perspectives on the evolving landscape of public relations and the role of PRCI in shaping it..Dr Shiv Shankar Das, Associate Dean of the School of Communication, delivered the vote of thanks, expressing gratitude to all participants and organisers for their contributions to the success of the event Guest of Honour Prof BK Das, Registrar of BGU, and Dr Vinay Kumar, Director & Secretary of PRCI, followed with remarks that highlighted the importance of the conclave's discussions. The session concluded with the presentation of mementoes to honoured guests, a summary of the conclave by Dr Gyanaranjan Mishra, Assistant Professor at BGU, and a vote of thanks by Shri Nirakar Das, General Secretary of PRCI.

ଧରିତ୍ରୀ
DHARITRI

Date 17 Sep, 2024 - BHUBANESWAR - 14_BBSR

# ବିଜିୟୁର ଦିନିକିଆ ଜାତୀୟ କର୍ମଶାଳା




ଭୁବନେଶ୍ୱର,୧୬।୯ (ଅଭୟ ଦାଶ): ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ) ପକ୍ଷରୁ ଏକ ଦିନିକିଆ ଜାତୀୟ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଜିୟୁ ଭୁବନେଶ୍ୱର ଏବଂ ପବ୍ଲିକ ରିଲେସନ୍ସ କାଉନସିଲ ଅଫ୍ ଇଣ୍ଡିଆ (ପିଆର୍‌ସିଆଇ)ର ମିଳିତ ସହଯୋଗରେ 'ରିଡିଫାଇନିଂ ପବ୍ଲିକ ରିଲେସନ୍ସ ଇନ୍ ଦି ଚେଞ୍ଜିଂ ଏନ୍‌ଭାଇରନମେଣ୍ଟ' ଶୀର୍ଷକ ବିଷୟବସ୍ତୁ ସମ୍ପର୍କିତ ଏକ ଜାତୀୟ କର୍ମଶାଳା ସୋମବାର ଆୟୋଜିତ ହୋଇଯାଇଛି। କର୍ମଶାଳାର ଜାତୀୟ ସଂଯୋଜକ ତଥା ପିଆର୍‌ସିଆଇର ଅଧ୍ୟକ୍ଷ ଡ. ଅଶୋକ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟସୂଚୀ ସମ୍ପର୍କରେ କହିଥିଲେ। ପିଆର୍‌ସିଆଇର ମିଶନକୁ ଆଗକୁ ବଢାଇବାରେ କନ୍‌କ୍ଲେଭର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କର୍ମଶାଳାର ମୁଖ୍ୟ ଅତିଥି ତଥା ବିଜିୟୁ କୁଳପତି ପ୍ରଫେସର ପି.ପି.ମାଥୁର ଶିକ୍ଷା, ଯୋଗାଯୋଗ ଓ ଲୋକସମ୍ପର୍କ ମଧ୍ୟରେ ଥିବା ସଂଯୋଗର ପ୍ରତିଫଳନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପିଆର୍‌ସିଆଇର ବରିଷ୍ଠ କାର୍ଯ୍ୟକାରିଣୀ ସଭାପତି ଆର୍ ଏନ୍ ମହାପାତ୍ର ଲୋକ ସମ୍ପର୍କ ଉପରେ ନିଜର ଦୃଷ୍ଟିକୋଣ ସହିତ ପିଆର୍‌ସିଆଇର ଭୂମିକା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ପିଆର୍‌ସିଆଇର ନ୍ୟାଶନାଲ ପ୍ରେସିଡେଣ୍ଟ ଗୀତା ଶଙ୍କର, ପିଆର୍‌ସିଆଇର ଚେୟାରମ୍ୟାନ ତଥା ମୁଖ୍ୟ ମେଣ୍ଟର ଏମ୍ ବି ଜୟରାମ, ବିଜିୟୁ କୁଳପତି ପ୍ରଫେସର ପି.ପି ମାଥୁର,ସ୍କୁଲ ଅଫ୍ କମ୍ୟୁନିକେଶନର ଆସୋସିଏଟ ଡିନ୍ ଡ. ଶିବ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀ ଏବଂ ଭୁବନେଶ୍ୱର ନିଫ୍ଟ ଡାଇରେକ୍ଟର ରାଜେଶ ଝା, ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ, ପିଆର୍‌ସିଆଇର ଡାଇରେକ୍ଟର ତଥା ସେକ୍ରେଟାରୀ ଡ. ବିନୟ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜିୟୁର ଆସିଷ୍ଟାଣ୍ଟ ପ୍ରଫେସର ଜ୍ଞାନରଞ୍ଜନ ମିଶ୍ର କନ୍‌କ୍ଲେଭର ସାରାଂଶ ପ୍ରଦାନ କରିଥିଲେ। ପିଆର୍‌ସିଆଇର ଜେନେରାଲ ସେକ୍ରେଟାରୀ ନିରାକାର ଦାସ ଧନ୍ୟବାଦ ଅର୍ପଣ କରଥିଲେ।

VOL.-4 | ISSUE-214 | BHUBANESWAR | TUESDAY, 17 SEPTEMBER, 2024 | PAGES-8 | PRICE-Rs. 3.00

DUMANI MAIL

R.N.I. Regd. No.: ODIENG/2021/80182 • POSTAL Regd. No.: BN/297/24-26 • Visit us: www.dumanimail.in • epaper.dumanimail.in

English Daily

# PRCI & BGU holds National Conclave on Public Relations

**Bhubaneswar, (DMC):** The Public Relations Council of India in collaboration with Birla School of Communication organized a national conclave on the theme "Redefining Public Relations in the Changing Environment". The event commenced with the ceremonial lighting of the lamp and the BGU Anthem (Kulgeet), setting a tone of reverence and anticipation for the proceedings that followed.



Dr. Ashok Kumar Panda, Chairman of PRCI and Convenor of the National Conclave, delivered an insightful welcome address, providing an overview of the agenda and highlighting the significance of the conclave in furthering PRCI's mission.

The Chief Guest, Prof. P.P. Mathur, Vice Chancellor of BGU, delivered a thought-provoking address, reflecting on the intersection of education, communication, and public relations. His speech underscored the importance of academic institutions in fostering future leaders in the field. Mr. R.N. Mahapatra, Sr. Executive President of PRCI, shared his perspectives on the evolving landscape of public relations and the role of PRCI in shaping it. Ms. Geetha Shankar, National President, PRCI, offered a stirring address, emphasizing the council's commitment to innovation and excellence in the field.

Her words were echoed by Mr. M.B. Jayram, Chairman Emeritus & Chief Mentor of PRCI, who provided valuable insights into the council's strategic vision and achievements. The guests released the Book of Abstracts, which marks a significant contribution to the academic and professional discourse within the PR industry. The event also celebrated the expansion of PRCI with the launch of new chapters in Singapore, London, and Kuwait, by Prof. P.P. Mathur, underscoring the council's growing international presence.

Dr. Shiv Shankar Das, Associate Dean of the School of Communication, delivered the vote of thanks, expressing gratitude to all participants and organizers for their contributions to the success of the event. The valedictory session of the National Conclave wrapped up with a series of impactful addresses and acknowledgments. The session began with the PRCI Anthem and a warm welcome to the guests, who were presented with flower bouquets. Dr. Ashok Kumar Panda, Chairman of PRCI and Convenor of the conclave, provided a reflective address, summarizing the key takeaways from the event.

Chief Guest, Shri Jalada Kumar Tripathy, Chief Information Commissioner of Odisha and guest of honour Shri Rajesh Jha, Director of NIFT Bhubaneswar, delivered inspiring addresses that emphasized the broader implications of the conclave's themes.

Guest of Honour Prof. B.K. Das, Registrar of BGU, and Dr. Vinay Kumar, Director & Secretary of PRCI, followed with remarks that highlighted the importance of the conclave's discussions. The session concluded with the presentation of mementos to honored guests, a summary of the conclave by Dr. Gyanaranjan Mishra, Assistant Professor at BGU, and a vote of thanks by Shri Nirakar Das, General Secretary of PRCI.

ODIA DAILY EDITION
19.09.2024
କଟକ, ଗୁରୁବାର
ପୃଷ୍ଠା-୪+୪, ମୂଲ୍ୟ-₹୨.୦୦
ସେପ୍ଟେମ୍ବର-୧୯, ୨୦୨୪
ବର୍ଷ-୩୬, ସଂଖ୍ୟା-୨୪
RNI Regd. NO- 48239/89
P.R.NO-CK(C)/16/2024-2026

ମାତୃଭାଷା
ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

# ଅତ୍ୟାଧୁନିକ ବୈଷୟିକ ବିକାଶ ସହ ଜନସଂପର୍କର ପରିଭାଷା ବଦଳିବା ଉଚିତ୍

ଭୁବନେଶ୍ୱର: "ସମୟ ବହୁ ଦ୍ରୁତଗତିରେ ବଦଳୁଛି। ସମୟ ସହ ତାଳ ଦେଇ ବୈଷୟିକ ବିଜ୍ଞାନର ବିକାଶଧାରା ଆଧୁନିକରୁ ଅତ୍ୟାଧୁନିକ ସ୍ତରକୁ ଉନ୍ନୀତ ହୋଇ ସାରିଛି। ଏହି ଜ୍ଞାନକୌଶଳର ବିକାଶ ସହ; ଜନସଂପର୍କ; ଯାତ୍ରାର ପରିଭାଷା ଏବଂ ଜନସଂପର୍କ ବିଭାଗମାନଙ୍କର କର୍ମକୁଶଳତା ଓ ପରିପାଟୀ ଅତ୍ୟାଧୁନିକ ଯନ୍ତ୍ରପାତି ସହ ପରିବର୍ତ୍ତନ ହେବା ଉଚିତ୍" ବୋଲି ପବ୍ଲିକ୍ ରିଲେସନ କାଉନସିଲ୍ ଅଫ୍ ଇଣ୍ଡିଆ (ପିଆରସିଆଇ) ଓ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ (ବିଜିୟୁ)ର ମିଳିତ ଉଦ୍ୟମର ଇତି ମଧ୍ୟରେ ଅନୁଷ୍ଠିତ ଇଷ୍ଟ ଜୋନ୍ କନକ୍ଲେଭରେ ବକ୍ତାମାନେ ଏପରି ମତବ୍ୟକ୍ତ କରିଛନ୍ତି। ବିଜିୟୁ ସମ୍ମିଳନୀ କକ୍ଷରେ ଏହି ଦିନିକିଆ କନକ୍ଲେଭରେ "ପରିବର୍ତ୍ତନ ପରିସ୍ଥିତିରେ ଜନସଂପର୍କର ପୁନଃ ବାଖ୍ୟାକରଣ" ଶୀର୍ଷକ ଆଲୋଚନା ଚକ୍ରକୁ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ପି.ପି. ମାଥୁର ଉଦ୍‌ଘାଟନ କରିଥିଲେ ଏବଂ ଓଡିଶାର ମୁଖ୍ୟ ସୂଚନା ଆୟୁକ୍ତ ତଥା ଅବସରପ୍ରାପ୍ତ ଭାରତୀୟ ପୋଲିସ୍ ସେବା ପ୍ରଶାସକ ଜଳଦା କୁମାର ତ୍ରିପାଠୀ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପବ୍ଲିକ୍ ରିଲେସନ୍ କାଉନସିଲ ଅଫ୍ ଇଣ୍ଡିଆର




ଓଡ଼ିଶା ଚାପ୍ଟର୍‌ର ସଭାପତି ପ୍ରଫେସର ଡଃ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପବ୍ଲିକ୍ ରିଲେସନ କାଉନସିଲର ଅଧ୍ୟକ୍ଷ ଏମିରିଟସ୍ ତଥା ଚିଫ୍ ମେଜର ଏମ.ବି ଜୟରାମ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଶ୍ୱ ଜନସଂପର୍କର ପରିବର୍ତ୍ତନ ଓ ଏହାର ଉପଯୁକ୍ତ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କାଉନସିଲର ଜାତୀୟ ଅଧ୍ୟକ୍ଷା ଗୀତା ଶଙ୍କର, ଜାତୀୟ ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ରବି ନାରାୟଣ ମହାପାତ୍ର ଏବଂ ବିଶ୍ୱବିଦ୍ୟାଳୟର ସହଯୋଗୀ ଡିନ୍ ଡଃ ଶିବ ଶଙ୍କର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପରିବର୍ତ୍ତିତ ପରିସ୍ଥିତିରେ ଜନସଂପର୍କର ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ କାଉନସିଲର ସ୍ମରଣିକାକୁ ଅତିଥିମାନ ଉନ୍ମୋଚନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କାଉନସିଲର ଜାତୀୟ ନିର୍ଦ୍ଦେଶକ ତଥା ସଚିବ ଡଃ ବିନୟ କୁମାର, ବିଜିୟୁର କୁଳସଚିବ ପ୍ରଫେସର ବି.କେ.ଦାସ, ନିଫଟ୍‌ର ନିର୍ଦ୍ଦେଶକ ରାଜେଶ ଝା ଏବଂ ବିଜିୟୁର ସହକାରୀ ପ୍ରଫେସର ଡଃ ଜ୍ଞାନ ରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଶ୍ୱ କମ୍ୟୁନିକେଶନ କାଉନସିଲର ତିନିଟି ଚାପଟରକୁ ଜାତୀୟ ବରିଷ୍ଠ କାର୍ଯ୍ୟନିର୍ବାହୀ ସଭାପତି ତଥା ଭାରତୀୟ ରେଳପଥର ପ୍ରାକ୍ତନ ବରିଷ୍ଠ ପ୍ରଶାସକ ରବିନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ଉଦଘାଟନ କରାଯାଇଥିଲା। ଲଣ୍ଡନ ଚାପଟରର ନିର୍ଦ୍ଦେଶକ ଡଃ କାର୍ତ୍ତିକେୟ ତ୍ରିପାଠୀ, ସିଙ୍ଗାପୁର ଚାପ୍ଟରର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଓ ୟୁନାଇଟେଡ୍ ଗଲଫ୍ ଚାପଟରର (କୁୱେତ, କ୍ୱାତର, ସାଉଦୀ, ଓମାନ ଓ ବାହାରେନ୍)ର ନିର୍ଦ୍ଦେଶକ ବିଶ୍ୱରଂଜନ ସାହୁ ଏହି ଉଦ୍‌ଘାଟନୀ ଉତ୍ସବରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କନେକ୍ଲଭକୁ ତିନିଟି ଅଧିବେଶନରେ ବିଭକ୍ତ କରି ଆଲୋଚନା, ପର୍ଯ୍ୟାଲୋଚନା ଓ ବିତର୍କ ଆୟୋଜିତ ହୋଇଥିଲା ଯେଉଁଥିରେ ପ୍ରଥମ ଅଧିବେଶନେର କାଉନସିଲର ଜାତୀୟ ସାଧାରଣ ସଂପାଦକ ଉନ୍ନି ସୁରେନ୍ଦ୍ରନଙ୍କ ସଂଚାଳନରେ ଅନୁଷ୍ଠିତ; ଔଦ୍ୟୋଗିକ ବିକାଶ କ୍ଷେତ୍ରର ଜନସଂପର୍କର ଅତ୍ୟାବଶ୍ୟକ ଭୂମିକା; ପାନେଲ ଆଲୋଚନାରେ ସନ୍ତାନର ସଂଯୁକ୍ତ ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ରାଘବ ପଣ୍ଡା, ଇନଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେନ୍ଟର ଅଧ୍ୟକ୍ଷା ଶାରଦା ଘୋଷ, ପ୍ରାକ୍ତନ ରାଜ୍ୟ ସୂଚନା ଆୟୁକ୍ତ ତଥା ବରିଷ୍ଠ ସାମ୍ବାଦିକ ଦିଲିପ ବିଶୋଇ, କଲୋକାତା ସାମ୍ବାଦିକ ସଂଘର ସଭାପତି ନଟରାଜ ରାଏ ଓ କିଟ୍ ବିଶ୍ୱବିଦ୍ୟାଳୟର ସହକାରୀ ଡିନ୍ ଡଃ ବିଧୁଭୂଷଣ ଦାଶ ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ପାନେଲ ଆଲୋଚନା "ଜନସଂପର୍କ ଉପରେ କୃତ୍ରିମ ବୁଦ୍ଧିଶକ୍ତି (ଏ.ଆଇ)ର ପ୍ରଭାବ" ବିଜିୟୁର ସ୍କୁଲ ଅଫ୍ କମ୍ୟୁନିକେଶନ୍‌ର ସଂଯୁକ୍ତ ପ୍ରଫେସର ଡଃ ଅଶୋକ କୁମାର ପଣ୍ଡାଙ୍କ ସଂଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ଦୂରଦର୍ଶନ ଉପମହାନିର୍ଦ୍ଦେଶକ ଉଦୟନାଥ ନାୟକ, ଇଣ୍ଡସ୍ ସ୍କୁଲ ଅଫ୍ ଇଞ୍ଜିନିୟରିଂର ନିର୍ଦ୍ଦେଶକ ପ୍ରଶାନ୍ତ ପତି, ବିଜିୟୁର ଡଃ ଜ୍ଞାନ ରଞ୍ଜନ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ହେମନ୍ତ କୁମାର ଦାଶ, ଆଲୋଚନା କରିଥିଲେ ଏବଂ ତୃତୀୟ ଅଧିବେଶନରେ ଜନ ସଂପର୍କର ବିଭିନ୍ନ ବିଷୟବସ୍ତୁ ଉପରେ ପେପର ଉପସ୍ଥାପନ କରିଥିଲେ ଫିନିକ୍ସ କନସଲଟିଂର ପରିଚାଳନା ନିର୍ଦ୍ଦେଶକ ସଂକୁ ପାତ୍ର, ଆସର୍ଲର ମିଲ ନିପନ ଷ୍ଟିଲ୍ କମ୍ୟୁନିକେଶନର ମୁଖ୍ୟ ସୌମିତ୍ର ପଟ୍ଟନାୟକ, ଆଇ.ଆଇ.ଟି ଭୁବନେଶ୍ୱର ଜନସଂପର୍କ ଅଧିକାରୀ ଧରିତ୍ରୀ ଶତପଥୀ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ପ୍ରବନ୍ଧକ (ଜନସଂପର୍କ) ଶଶାଙ୍କ ପଟ୍ଟନାୟକ, ପ୍ରଫେସର ସରିତା ପ୍ରିୟଦର୍ଶିନୀ ନାୟକ ଓ ଡଃ ଶିବ ଶଙ୍କର ଦାସ। ଶେଷରେ ପବ୍ଲିକ ରିଲେସନ କାଉନସିଲ ଅଫ୍ ଇଣ୍ଡିଆର ଓଡିଶା ଚାପଟର ସାଧାରଣ ସଂପାଦକ ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଜନସଂପର୍କ ଅଧିକାରୀ ନିରାକାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ସାମ୍ବାଦିକତା ଓ ଗଣଯୋଗାଯୋଗର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ଏବଂ ଏହି ଉତ୍ସବକୁ ବିଶ୍ୱବିଦ୍ୟାଳୟର କମ୍ୟୁନିକେସନ୍ ବିଭାଗର ସହକାରୀ ପ୍ରଫେସର ଅନ୍ୱେଷା ପାଢ଼ୀ ସଂଯୋଜନା କରିଥିଲେ।

ପ୍ରମେୟ
THE PRAMEYA
PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BH/20823-25
ବର୍ଷ ୧୪ | ସଂଖ୍ୟା ୧୩୮ | ଭୁବନେଶ୍ୱର
୧୭ ସେପ୍ଟେମ୍ବର ୨୦୨୪ | ମଙ୍ଗଳବାର
20 PAGES | ₹7.00
VOLUME 14 | ISSUE 138 | BHUBANESWAR
17 SEPTEMBER 2024 | TUESDAY

# ବିଜିୟୁ, ପିଆରସିଆଇର ଜାତୀୟ କର୍ମଶାଳା




ଭୁବନେଶ୍ୱର,୧୬।୯(ବ୍ୟୁରୋ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ), ଭୁବନେଶ୍ୱର ଏବଂ ପବ୍ଲିକ ରିଲେସନ୍ସ କାଉନ୍‌ସିଲ ଅଫ୍ ଇଣ୍ଡିଆ (ପିଆରସିଆଇ) ମିଳିତ ସହଯୋଗରେ ‘ରିଡିଫାଇନିଂ ପବ୍ଲିକ ରିଲେସନ୍ସ ଇନ୍ ଦି ଚେଞ୍ଜିଂ ଏନ୍‌ଭର୍ନମେଣ୍ଟ’ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ପିଆରସିଆଇର ଅଧ୍ୟକ୍ଷ ଡ. ଅଶୋକ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇ କର୍ମଶାଳାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ବିଜିୟୁ କୁଳପତି ପ୍ରଫେସର ପିପି ମାଥୁର ଶିକ୍ଷା, ଯୋଗାଯୋଗ ଓ ଲୋକ ସମ୍ପର୍କ ମଧ୍ୟରେ ଥିବା ସଂଯୋଗର ପ୍ରତିଫଳନ ଉପରେ ବକ୍ତବ୍ୟ ରଖିଥିଲେ। ପିଆରସିଆଇର ବରିଷ୍ଠ କାର୍ଯ୍ୟକାରିଣୀ ସଭାପତି ଆରଏନ ମହାପାତ୍ର ଲୋକ ସମ୍ପର୍କ ଉପରେ ନିଜ ଦୃଷ୍ଟିକୋଣ ବାଣ୍ଟିବା ସହ ପିଆରସିଆଇର ଭୂମିକା କହିଥିଲେ। ପିଆରସିଆଇର ଜାତୀୟ ସଭାପତି ଗୀତା ଶଙ୍କର, ଚେୟାରମ୍ୟାନ ତଥା ମୁଖ୍ୟ ମେଣ୍ଟର ଏମବି ଜୟରାମ, ବିଜିୟୁ କୁଳପତି ପ୍ରଫେସର ପିପି ମାଥୁର, ସ୍କୁଲ ଅଫ୍ କମ୍ୟୁନିକେସନର ଆସୋସିଏଟ ଡିନ୍ ଡ. ଶିବଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀ ମୁଖ୍ୟଅତିଥି, ନିଫ୍ଟ ଭୁବନେଶ୍ୱରର ଡାଇରେକ୍ଟର ରାଜେଶ ଝା, ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବିକେ ଦାସ, ପିଆରସିଆଇର ଡାଇରେକ୍ଟର ତଥା ସେକ୍ରେଟାରୀ ଡ. ବିନୟ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜିୟୁର ଆସିଷ୍ଟାଣ୍ଟ ପ୍ରଫେସର ଜ୍ଞାନରଞ୍ଜନ ମିଶ୍ର କର୍ମଶାଳାର ସାରାଂଶ ଦେଇଥିଲେ। ପିଆରସିଆଇ ଜେନେରାଲ ସେକ୍ରେଟାରୀ ନିରାକାର ଦାସ ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA
Bhubaneswar - 17 Sep 2024 - Page 11

# ବିଜିୟୁ ଓ ପିଆର୍‌ସିଆଇ ପକ୍ଷରୁ ଜାତୀୟ କର୍ମଶାଳା



ଭୁବନେଶ୍ୱର,୧୬।୯(ସମିସ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଓ ପବ୍ଲିକ ରିଲେସନ୍ସ କାଉନ୍‌ସିଲ ଅଫ୍ ଇଣ୍ଡିଆ (ପିଆର୍‌ସିଆଇ) ପକ୍ଷରୁ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତିତ ପରିବେଶରେ ଗଣଯୋଗାଯୋଗର ପୁନଃ ସଂଜ୍ଞା ନିର୍ଦ୍ଧାରଣ ଶୀର୍ଷକରେ ଅତିଥିମାନେ ଆଲୋଚନା କରିଛନ୍ତି। ପିଆର୍‌ସିଆଇ ଅଧ୍ୟକ୍ଷ ଡ. ଅଶୋକ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଜିୟୁ କୁଳପତି ପ୍ରଫେସର ପି. ପି. ମାଥୁର ଶିକ୍ଷା, ଯୋଗାଯୋଗ ଓ ଲୋକ ସମ୍ପର୍କ ମଧ୍ୟରେ ଥିବା ସଂଯୋଗ ସମ୍ପର୍କରେ ଅବଗତ କରିଥିଲେ। ପିଆର୍‌ସିଆଇର ବରିଷ୍ଠ କାର୍ଯ୍ୟକାରିଣୀ ସଭାପତି ଆର୍. ଏନ୍. ମହାପାତ୍ର ଲୋକ ସମ୍ପର୍କ ଉପରେ ନିଜର ଦୃଷ୍ଟିକୋଣ ବାଣ୍ଟିଥିଲେ। ପ୍ରଥମ ସତ୍ରରେ ପିଆର୍‌ସିଆଇର ଜାତୀୟ ସଭାପତି ଗୀତା ଶଙ୍କର, ଚେୟାରମ୍ୟାନ୍ ଏମ୍‌ବି ଜୟରାମ୍, ସ୍କୁଲ୍ ଅଫ୍ କମ୍ୟୁନିକେସନ ଆସୋସିଏଟ୍ ଡିନ୍ ଡ. ଶିବ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ରହି ପରିବର୍ତ୍ତିତ ଗଣଯୋଗାଯୋଗ ଉପରେ ଆଲୋକପାତ କରିଥିଲେ। ସେହିପରି ଉଦ୍‌ଯାପନୀ ସତ୍ରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ନିଫ୍ଟ ଡାଇରେକ୍ଟର ରାଜେଶ ଝା, ରେଜିଷ୍ଟ୍ରାର ପ୍ରଫେସର ବି. କେ ଦାସ ଓ ପିଆର୍‌ସିଆଇର ଡାଇରେକ୍ଟର ଡ. ବିନୟ କୁମାର ଯୋଗଦେଇଥିଲେ। ପିଆର୍‌ସିଆଇ ସାଧାରଣ ସମ୍ପାଦକ ନିରାକାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।